শାସନ ସଚିବ ଏବଂ ଅନ୍ୟଜଣେ

ବନାମ

କେ. ମୁନିଆପ୍ପନ

ମାର୍ଚ୍ଚ 21, 1997

[କେ. ରାମସ୍ୱାମୀ ଏବଂ କେ. ଟି. ଥୋମାସ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ତାମିଲନାଡୁ ବେସାମରିକ ସେବା (ସିସିଏ) ନିୟମାବଳୀ:*

*ନିୟମ 17(e)(1)- ନିଲମ୍ବନ- ଅବସର ଗ୍ରହଣ ସ୍ଥିତିରେ ଥିବା ଅଧିକାରୀ- ତାଙ୍କ ବିରୁଦ୍ଧରେ ଗୁରୁତର ଫୌଜଦାରୀ ଅପରାଧର ତଦନ୍ତ ବିଚାରଧୀନ ଥିବାରୁ ତାଙ୍କ ଉପରେ ନିଲମ୍ବନ ଆଦେଶ ଜାରି– କୁହାଗଲା, ନିୟମ ଦୃଷ୍ଟିରୁ ଜଣେ ଅଧିକାରୀଙ୍କୁ ନିଲମ୍ବନରେ ରଖାଯାଇପାରେ ଯେଉଁଠାରେ ତାଙ୍କ ବିରୁଦ୍ଧରେ ଗୁରୁତର ଅଭିଯୋଗର ତଦନ୍ତ "ମନସ୍ଥ" କରାଯାଇଛି କିମ୍ବା "ବିଚାରାଧୀନ" ରହିଛି, କିମ୍ବା ତାଙ୍କ ବିରୁଦ୍ଧରେ କୌଣସି ଫୌଜଦାରୀ ଅପରାଧର ଅଭିଯୋଗ ତଦନ୍ତ କିମ୍ବା ବିଚାରାଧୀନରେ ଅଛି ଏବଂ ଯଦି ଏପରି ନିଲମ୍ବନ ଜନସ୍ୱାର୍ଥ ପାଇଁ ଆବଶ୍ୟକ ହେଉଥାଏ । ଜଣେ ଅଧିକାରୀଙ୍କୁ ନିଲମ୍ବିତ କରିବା ପାଇଁ ପ୍ରକୃତ ତଦନ୍ତର ବିଚାରଧୀନତା ରହିବା ଏକ ପୂର୍ବ ସର୍ତ୍ତ ନୁହେଁ- ଅପରାଧଗୁଡ଼ିକର ଆଗକୁ ଆହୁରି ତଦନ୍ତର  ବିଚାରଧୀନତା କିଛି କାରଣଗୁଡ଼ିକ ମଧ୍ୟରୁ ଗୋଟିଏ କାରଣ ।*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 2503/1997

ଓ. ଏ. ସଂଖ୍ୟା 6457/1995 ରେ ତାମିଲନାଡୁ ପ୍ରଶାସନିକ ନ୍ୟାୟାଧିକରଣ, ମାଡ୍ରାସର ତା 25.6.96 ରିଖ ରାୟ ତଥା ଆଦେଶରୁ

ଆବେଦନକାରୀଙ୍କ ପକ୍ଷରୁ ଭି. କୃଷ୍ଣମୂର୍ତ୍ତି ।

ପ୍ରତିବାଦୀଙ୍କ ପକ୍ଷରୁ ଶ୍ରୀମତୀ ଚନ୍ଦନ ରାମମୂର୍ତ୍ତି ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଳମ୍ବକୁ କ୍ଷମା କରାଗଲା ।

ଅନୁମତି ମଞ୍ଜୁର କରାଗଲା । ଆମ୍ଭେ ଉଭୟ ପକ୍ଷଙ୍କ ଶ୍ରୀମାନ ଓକିଲମାନଙ୍କୁ ଶୁଣିଛୁ ।

ଏହି ଆବେଦନଟି ସ୍ୱତନ୍ତ୍ର ଅନୁମତି ଦ୍ୱାରା ଓଏ ସଂଖ୍ୟା 6457/95 ରେ ତାମିଲନାଡୁ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା 25 ଜୁନ, 1996 ରେ ପ୍ରଦତ୍ତ ଆଦେଶରୁ ଆଗତ ।

ପ୍ରତିବାଦୀଙ୍କୁ, ଅବସର ଗ୍ରହଣ କରିବା ପୂର୍ବରୁ, ଏକ ନିଲମ୍ବନ ଆଦେଶ ପ୍ରଦାନ କରାଯାଇଥିଲା ଯାହା ନିମ୍ନମତେ ପଠନୀୟ:

> "ଯେହେତୁ ଥିରୁ କେ. ମୁନିଅପ୍ପାନ, ସେଲମ ଡିଭିଜନାଲ ଇଞ୍ଜିନିୟର (ଜାତୀୟ ରାଜପଥ)ଙ୍କ ବିରୁଦ୍ଧରେ ଗୁରୁତର ଫୌଜଦାରୀ ଅପରାଧର ତଦନ୍ତ ମନସ୍ଥ କରାଯାଉଛି ଯିଏ ବର୍ତ୍ତମାନ ପରମକୁଡ଼ି ରାଜପଥ ଏବଂ ଗ୍ରାମୀଣ ପୂର୍ତ୍ତ ବିଭାଗରେ ଅଛନ୍ତି ।"

ପ୍ରତିବାଦୀ ନ୍ୟାୟାଧିକରଣରେ ଉକ୍ତ ଆଦେଶକୁ ଆପତ୍ତି  କରିଛନ୍ତି । ନ୍ୟାୟାଧିକରଣ ଏହି ଆକ୍ଷେପିତ ଆଦେଶରେ  ଦର୍ଶାଇଛନ୍ତି ଯେ ତାମିଲନାଡୁ ବେସାମରିକ ସେବା (ସିସିଏ) ନିୟମାବଳୀର ନିୟମ 17 ଆବେଦନକାରୀଙ୍କ ଏପରି ତଦନ୍ତ ବିଚାରାଧୀନ ଥିବା ପର୍ଯ୍ୟନ୍ତ ପ୍ରତିବାଦୀଙ୍କୁ ନିଲମ୍ବନ କରିବାକୁ କ୍ଷମତା ପ୍ରଦାନ କରେ ନାହିଁ ଏବଂ ତେଣୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବେଆଇନ ଥିଲା । ପ୍ରଶ୍ନ ଏହିକି ଯେ: ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ମତ ଆଇନରେ ସଠିକ୍ କି? ନିୟମ 17(e)(1) ନିମ୍ନରେ ଦିଆଗଲା:

> "(e)(1) କୌଣସି ସେବାର ଜଣେ ସଦସ୍ୟଙ୍କୁ ଚାକିରିରୁ ନିଲମ୍ବିତ କରାଯାଇପାରେ, ଯେଉଁଠାରେ
>
> (i) ତାଙ୍କ ବିରୁଦ୍ଧରେ ଗୁରୁତର ଅଭିଯୋଗର ତଦନ୍ତ ମନସ୍ଥ କରାଯାଇଛି କିମ୍ବା ବିଚାରାଧୀନ ଅଛି; କିମ୍ବା
>
> (ii) ତାଙ୍କ ବିରୁଦ୍ଧରେ କୌଣସି ଫୌଜଦାରୀ ଅପରାଧର ଅଭିଯୋଗର ବିଚାର ତଦନ୍ତ ଅଧୀନରେ ଅଛି ଏବଂ ଯଦି ଲୋକହିତରେ ଏପରି ନିଲମ୍ବନ ଆବଶ୍ୟକ ହୁଏ ।

ଏହି ନିୟମର ଏକ ପଠନ ସ୍ପଷ୍ଟ ଭାବରେ ସୂଚିତ କରେ ଯେ କୌଣସି ସେବାର ଜଣେ ସଦସ୍ୟଙ୍କୁ ଚାକିରୀରୁ ନିଲମ୍ବନ କରାଯାଇପାରେ ଯେଉଁଠାରେ ତାଙ୍କ ବିରୁଦ୍ଧରେ ଗୁରୁତର ଅଭିଯୋଗର ତଦନ୍ତ "ମନସ୍ଥ" କରାଯାଇଛି କିମ୍ବା "ବିଚାରାଧୀନ" ଅଛି; କିମ୍ବା କୌଣସି ଫୌଜଦାରୀ ଅପରାଧର ଅଭିଯୋଗର ତଦନ୍ତ ଚାଲୁଛି କିମ୍ବା ଏହା ବିଚାରାଧୀନ ଅଛି ଏବଂ ଯଦି ଲୋକହିତରେ ଏ'ପରି ନିଲମ୍ବନ ଆବଶ୍ୟକ ହୁଏ । ଏହା ଆରୋପିତ ହୋଇଥିଲା ଯେ କର୍ମଚାରୀମାନଙ୍କ ଦ୍ୱାରା କରାଯାଇଥିବା ସମ୍ମିଳିତ ଏବଂ ଷଡ଼ଯନ୍ତ୍ରପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନର ଫଳସ୍ୱରୂପ ସରକାରୀ ପାଣ୍ଠିରୁ 7.82 କୋଟି ଟଙ୍କାର ଠକେଇ ହୋଇଥିଲା । ବିଭାଗୀୟ ଇଞ୍ଜିନିୟରଙ୍କ କାର୍ଯ୍ୟାଳୟରେ ବିଭାଗୀୟ ହିସାବରକ୍ଷକ ଭାବରେ ପ୍ରାସଙ୍ଗିକ ସମୟରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କ ମଧ୍ୟରୁ ପ୍ରତିବାଦୀ ଜଣେ ଅଟନ୍ତି । ତେଣୁ କର୍ତ୍ତୃପକ୍ଷମାନେ ଏହି ଅପରାଧଗୁଡ଼ିକର ତଦନ୍ତ କରିବା ପାଇଁ ବିଚାର କରିଥିଲେ । ତଦନୁସାରେ, ସେ ଗୁରୁତର ଅଭିଯୋଗର ତଦନ୍ତ ଅପେକ୍ଷାରେ ରହି ନିଲମ୍ବିତ ହୋଇଥିଲେ ।

ପ୍ରତିବାଦୀଙ୍କ ଓକିଲ ମହୋଦୟା ଶ୍ରୀମତୀ ଚନ୍ଦନ ରାମମୂର୍ତ୍ତି ଯୁକ୍ତି ବାଢ଼ିଛନ୍ତି ଯେ ଯଦିଓ ପ୍ରତିବାଦୀ ଏ ପର୍ଯ୍ୟନ୍ତ ନିଲମ୍ବନରେ  ଅଛନ୍ତି ତଦନ୍ତ ଶେଷ ହୋଇନାହିଁ, ଯାହା ଦର୍ଶାଉଛି ଯେ ତାଙ୍କ ବିରୁଦ୍ଧରେ କୌଣସି ଗୁରୁତର ଅଭିଯୋଗ ନାହିଁ ଏବଂ ତେଣୁ, ଅବସର ଗ୍ରହଣ କରିବା ସମୟ ହେଲେ ଅବସର ନେବାକୁ ତାଙ୍କୁ ଅକ୍ଷମ କରାଯାଇପାରିବ ନାହିଁ । ସେ ଏହା ଆମ୍ଭ ଦୃଷ୍ଟିକୁ ଆଣିବାକୁ ଚାହୁଁଛନ୍ତି ଯେ ନିଲମ୍ବନରେ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣଙ୍କ ବିରୋଧରେ ନ୍ୟାୟାଧିକରଣ ଆବେଦନକୁ ଅନୁମତି ଦେଇଛନ୍ତି ଏବଂ ନିଲମ୍ବନ ଆଦେଶ ରଦ୍ଦ କରିଛନ୍ତି, ଯାହା ଏହି ନ୍ୟାୟାଳୟଙ୍କ ଦ୍ୱାରା ସୁନିଶ୍ଚିତ କରାଯାଇଥିଲା । ଏହି ପରିସ୍ଥିତି ଅଧୀନରେ ସେ ପରିତୃଷ୍ଟ ହୋଇଛନ୍ତି ଯେ ଏହା ହସ୍ତକ୍ଷେପ ଆବଶ୍ୟକ କରୁଥିବା ଭଳି ଏକ ମାମଲା ନୁହେଁ । ଆମ୍ଭେ ଓକିଲ ମହୋଦୟାଙ୍କ ସହ ସହମତ ହୋଇପାରିବୁ ନାହିଁ । ଏହା ଦେଖାଯାଉଛି ଯେ ନ୍ୟାୟାଧିକରଣ ଭ୍ରମାତ୍ମକ ଭାବରେ ଏହି ଆଧାରରେ ଆଗକୁ ବଢ଼ିଛନ୍ତି ଯେ ତଦନ୍ତ କିମ୍ବା ଅନୁସନ୍ଧାନ ବିଚାରାଧୀନ ଥିବା ପର୍ଯ୍ୟନ୍ତ ଜଣେ କର୍ମଚାରୀଙ୍କୁ ନିଲମ୍ବନରେ ରଖିବାକୁ ସରକାରଙ୍କ କୌଣସି କ୍ଷମତା ନାହିଁ । ଧାରା 17(e)(1) ସ୍ୱୟଂ ସ୍ୱୀକାର କରେ ଯେ ଜଣେ ଅଧିକାରୀ  ନିଲମ୍ବନରେ

ରଖାଯିବେ ଯେଉଁଠା'ରେ "ଗୁରୁତର ଅଭିଯୋଗର ତଦନ୍ତ ମନସ୍ଥ କରାଯାଏ ।" ଏହି ପରିସ୍ଥିତି ଅଧୀନରେ ଜଣେ ଅଧିକାରୀଙ୍କୁ ନିଲମ୍ବନ କରିବା ପାଇଁ ପ୍ରକୃତ ବିଚାରଧୀନତା ଏକ ପୂର୍ବ ସର୍ତ୍ତ ନୁହେଁ । ଅପରାଧଗୁଡ଼ିକର ଆଗକୁ ଆହୁରି ତଦନ୍ତ ଅପେକ୍ଷାରେ ରହିବା ଏକ କାରଣ ଅଟେ । କଦାଚିତ ଏବଂ ଯେ ପର୍ଯ୍ୟନ୍ତ ଏକ ଗଭୀର ତଦନ୍ତ ନ ହୁଏ, ସେ ପର୍ଯ୍ୟନ୍ତ ଅପରାଧରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ଏବଂ ଆଇନାନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ସୁଯୋଗ ବହୁତ କମ୍ ରହିବ । ଯଦି ଅଧିକାରୀଙ୍କୁ ଅବସର ନେବାକୁ ଅନୁମତି ଦିଆଯାଏ, ତେବେ ଅପରାଧର ବିଶାଳତାକୁ ସନ୍ତୋଷଜନକ ଭାବରେ ମୁକାବିଲା କରିବା ପାଇଁ ପ୍ରଭାବଶାଳୀ ପଦକ୍ଷେପ ନେବାର କୌଣସି ସୁଯୋଗ ରହିବ ନାହିଁ । ଏହା ସତ୍ୟ ଯେ ସମୟ ବ୍ୟବଧାନ ରହିଛି, କିନ୍ତୁ ଏକ ସଙ୍ଗଠିତ ଉପାୟରେ ଅନେକଜଣ ବ୍ୟକ୍ତିମାନଙ୍କ ଦ୍ୱାରା ସରକାରୀ ପାଣ୍ଠିର ଅପବ୍ୟବହାର ସହିତ ସମ୍ପୃକ୍ତତା ଥିବା ଏକ ମାମଲାରେ, ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ଏକ ଟିକିନିଖି ତଦନ୍ତ କରାଯିବା ଆବଶ୍ୟକ ଏବଂ ତେଣୁ, ପରିସ୍ଥିତିର ସ୍ୱରୂପରେ, ଶୀଘ୍ର ତଦନ୍ତ ଶେଷ ନ କରିଥିବାରୁ କର୍ତ୍ତୃପକ୍ଷଙ୍କ ଦୋଷ ଖୋଜିବା କଷ୍ଟକର ହେବ । ତେବେ ସେ ଯାହା ହେଉ, ଆବେଦନକାରୀଙ୍କୁ ଯେତେ ଶୀଘ୍ର ସମ୍ଭବ ତଦନ୍ତ ଶେଷ କରିବାକୁ ଏବଂ ଜରୁରୀକାଳୀନ ଭିତ୍ତିରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଉଛି ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଉଛି । ଓ.ଏ. କୁ ବରଖାସ୍ତ କରାଯାଉଛି । କୌଣସି ବାବଦ ଖର୍ଚ୍ଚ ନାହିଁ ।

ଆର. ପି.

ଆବେଦନକୁ ମଞ୍ଜୁରୀ ଦିଆଯାଉଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**